# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 December - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାର ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

— ଚାଷୀମାନଙ୍କୁ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ରାଶି ପ୍ରଦାନର କଲେ ଶୁଭାରମ୍ଭ

- ନବରଙ୍ଗପୁରର ମଣ୍ଡେଇ-୨୦୨୪ ଉଦ୍‌ଯାପନୀ ଉତ୍ସବରେ ଆଜି ସନ୍ଧ୍ୟାରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

- ଶ୍ରୀମନ୍ଦିର ଛତିଶାନିଯୋଗର ବୈଠକ ଆସନ୍ତା ମଙ୍ଗଳବାର ଦିନ ହେବ ଅନୁଷ୍ଠିତ

ଏବଂ

- କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା କାମ ଆଜିଠାରୁ ପୁଣିଥରେ ହେଲା ଆରମ୍ଭ

## ମୁଖ୍ୟମନ୍ତ୍ରୀ-ଇନ୍‌ପୁଟ ସହାୟତା

ଚାଷୀମାନେ ହେଉଛନ୍ତି ଅନ୍ନଦାତା ଏବଂ ରାଜ୍ୟ ସରକାର ଚାଷୀମାନଙ୍କର ସର୍ବାଙ୍ଗିନ ଉନ୍ନତି ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ବରଗଡ଼** ଜିଲ୍ଲା ସୋହେଲାର ଇଛାପାଲି ପଡିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ୮୦୦ ଟଙ୍କାର ବୋନସ୍ ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି।

ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୩ ଶହ ଟଙ୍କା ସହିତ ଇନ୍‌ପୁଟ୍ ସବ୍‌ସିଡି ବାବଦରେ ୮୦୦ ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକଙ୍କର ଆର୍ଥିକ ବିକାଶ ସହିତ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବାକୁ ଯାଉଛି।

**- V/O -**

ସୂଚନାଯୋଗ୍ୟ, ଗତକାଲି ଅପରାହ୍ଣ ୪ଟା ସୁଦ୍ଧା ବରଗଡ଼ ଜିଲ୍ଲାରେ ୧୫ ହଜାର ୫୯ ଜଣ ଚାଷୀ ପ୍ରାୟ ୭ ଲକ୍ଷ ୧୪ ହଜାର ୫୦୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନଙ୍କଠାରୁ ଧାନ କିଣି ୪୮ ଘଣ୍ଟା ମଧ୍ୟରେ ସେମାନଙ୍କର ପ୍ରାପ୍ୟ ଦିଆଯାଉଛି ।

ଆଜିର ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ ଷଡଙ୍ଗୀ, ସନକ ଗଡତିଆଁଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇନ୍‌ପୁଟ ସହାୟତା ପ୍ରଦାନ

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱର ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଚାଷୀଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି । କଳାହାଣ୍ଡି ଜିଲ୍ଲାର ପ୍ରାୟ ୧ ଲକ୍ଷରୁ ଅଧିକ ଚାଷୀ ଏହି ଇନ୍‌ପୁଟ ସହାୟତା ପାଇବେ । ଶ୍ରୀ ମହାଲିଙ୍ଗ କହିଛନ୍ତି, ଆଗାମୀ ଦିନରେ ୫ ହଜାର ଡାକ୍ତର ନିଯୁକ୍ତି, ସମଗ୍ର ସ୍ୱାସ୍ଥ୍ୟ ଅଭିଯାନରେ ୩ ହଜାର ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ସହ କଳାହାଣ୍ଡିରେ ବିଏସ୍‌ସି ନର୍ସିଂ କଲେଜ ପ୍ରତିଷ୍ଠା କରିବା ପାଇଁ ସରକାର ଯୋଜନା ରଖିଛନ୍ତି । ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଆରୋଗ୍ୟ

ଯୋଜନାରେ ଦେଶର ୨୭ ହଜାର ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ଚାଷୀଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ ଅବସରରେ **ଭଦ୍ରକ** ନିୟନ୍ତ୍ରିତ ବଜାର ପରିସରରେ ଧାନରଥ ଶୁଭାରମ୍ଭ ହେଇଛି।  ଏଥିରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ପ୍ରଶାସନିକ ଅଧିକାରୀ ଯୋଗଦେଇ ଥିବା ବେଳେ ଜିଲ୍ଲାର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ-ନବରଙ୍ଗପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ ଜିଲ୍ଲାରେ କାର୍ଯ୍ୟକ୍ରମ ଶେଷକରି  **ନବରଙ୍ଗପୁର** ଜିଲ୍ଲା ଗସ୍ତ କରିବେ। ସେଠାରେ ଚାଲିଥିବା ଲୋକମହୋତ୍ସବ ମଣ୍ଡେଇ-୨୦୨୪ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।  ମୁଖ୍ୟମନ୍ତ୍ରୀ ମଣ୍ଡେଇ କାର୍ଯ୍ୟକ୍ରମରେ ଯୋଗଦେବା ପରେ ନବରଙ୍ଗପୁରରେ ରାତ୍ରୀଯାପନ କରିବେ। ଆସନ୍ତାକାଲି ସକାଳ ୧୦.୩୦ରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁରରୁ ଜୟପୁର ଓ ଜୟପୁରରୁ ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

ଲୋକମହୋତ୍ସବ ମଣ୍ଡେଇ-୨୦୨୪ର ଗତକାଲି ଦ୍ୱିତୀୟ ସନ୍ଧ୍ୟାରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

'ଭୋକାଲ ଫର ଲୋକାଲ'ରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଉତ୍ପାଦର ବଜାର ସୁବିଧା ଉପଲବ୍ଧତା ନେଇ ଗୁରୁତ୍ୱାରୋପ କରିବା ସହ ମଣ୍ଡେଇ ଲୁକ୍କାୟିତ କଳାକାରଙ୍କୁ ଏକ ମଞ୍ଚ ପ୍ରଦାନ କରିପାରିଛି ବୋଲି କହିଥିଲେ।

## ଛତିଶାନିଯୋଗ ବୈଠକ

ଶ୍ରୀମନ୍ଦିର ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ୧୦ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ। ବୈଠକରେ ପହିଲି ଭୋଗ ନୀତିନିର୍ଘଣ୍ଟ ଉପରେ ଆଲୋଚନା ହେବ। ଆସନ୍ତାବର୍ଷ ଜାନୁୟାରୀ ମାସ ୧୩ ତାରିଖରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଦେବାଭିଷେକ ପୂର୍ଣ୍ଣିମା ନୀତିନିର୍ଘଣ୍ଟ, ମକରସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଅନ୍ୟପକ୍ଷରେ, ରତ୍ନଭଣ୍ଡାର ମରାମତି ସମୟରେ ମହାପ୍ରଭୁଙ୍କର ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ନ ଉପୁଜେ ସେ ନେଇ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଛି।

## ଶ୍ରୀମନ୍ଦିର ଦାନ ଟଙ୍କା

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଭକ୍ତମାନେ ଗତ ୩ ବର୍ଷ ମଧ୍ୟରେ ୧୧୩ କୋଟି ଟଙ୍କା ଦାନ କରିଛନ୍ତି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତକାଲି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୨୧ ମସିହାଠାରୁ ୨୦୨୪ ମସିହା ମଧ୍ୟରେ ହୁଣ୍ଡି ସମେତ ବିଭିନ୍ନ ସୂତ୍ରରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ୧୧୩ କୋଟି ୨ ଲକ୍ଷ ୫୫ ହଜାର ୮୮୯ ଟଙ୍କା ମିଳିଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ସୂର୍ଯ୍ୟମନ୍ଦିର ସ୍ଥିତି ସମୀକ୍ଷା

କୋଣାର୍କ ସୂର୍ଯ୍ୟମନ୍ଦିର ଭିତରୁ ବାଲିକାଢ଼ିବା ନେଇ ସ୍ୱତନ୍ତ୍ର ପ୍ଲାଟଫର୍ମର ନିର୍ମାଣକାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି। ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି କଢ଼ାଯିବା ନେଇ ଚତୁର୍ଥ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ପାଇଁ ଏଏସ୍ଆଇ  ଏଡିଜି ଜାନବିଜ୍ ଶର୍ମା ଓ ୧୫ ଜଣିଆ ବିଶେଷଜ୍ଞ ଟିମ୍ ଗତକାଲି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ୧୯୦୩ ମସିହାରେ ସୂର୍ଯ୍ୟମନ୍ଦିର ସୁରକ୍ଷାକୁ ନେଇ ଗର୍ଭଗୃହରେ ବାଲି ଭର୍ତ୍ତି କରାଯାଇ ଜଗମୋହନ ଦ୍ୱାରକୁ ବନ୍ଦ କରାଯାଇଥିଲା। ସୂର୍ଯ୍ୟମନ୍ଦିରରୁ ବାଲିକଢ଼ା ନିଷ୍ପତ୍ତି ପରେ ୨୦୨୨ ମସିହା ସେପ୍ଟେମ୍ବର ୮ ତାରିଖରେ ଏଏସ୍ଆଇ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡା ଦେଇ ଗର୍ଭଗୃହରେ ରହିଥିବା ବାଲିକୁ ସୁରକ୍ଷିତ ଭାବେ ବାହାର କରାଯିବା ନେଇ ପ୍ରୟାସ ଜାରି ରହିଛି।

## ଚଇତି-୨୦୨୪

**ରାୟଗଡ଼ା** ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରାର ଗଣପର୍ବ ‘ଚଇତି-୨୦୨୪’ର ଶୁଭାରମ୍ଭ ହୋଇଛି। ଆଦିବାସୀ ସଂସ୍କୃତିର ପ୍ରତୀକ ଭାବେ ପରିଚିତ ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ମରିଚଗୁଡ଼ା ଗ୍ରାମର ପବିତ୍ର ଅକ୍ଷର ବ୍ରହ୍ମ ମନ୍ଦିରରୁ ଏହାର ଶୁଭାରମ୍ଭ କରାଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ରାୟଗଡ଼, ବିଷମକଟକ, ଗୁଣୁପୁର ବିଧାୟକ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅକ୍ଷର ବ୍ରହ୍ମ ମନ୍ଦିରରୁ ଏକ କଳସ ଶୋଭାଯାତ୍ରାରେ

ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବାଦ୍ୟ ସହ ସାମିଲ ହୋଇଥିଲେ । ଆସନ୍ତା ୨୬ ତାରିଖରେ ସହରର ଜିସିଡି ହାଇସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ଚଇତି ପର୍ବ ଅନୁଷ୍ଠିତ ହେବ ।

## ଆଳୁଚାଷ

ରାଜ୍ୟ ସରକାରଙ୍କ ଆଳୁ ମିସନ୍ ଯୋଜନାରେ **ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ପାତ୍ରପୁର ବ୍ଲକ୍‌ରେ ଆଳୁଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବ୍ଲକ୍‌କୁ ୬୦୦ ବସ୍ତା ଆଳୁ ବିହନ ଆସିଥିବା ଜଣାପଡିଛି । ବ୍ଲକର ତଣ୍ଡିପୁର, ପଦାଦିଗି, ଭୀମପୁର, ସୁରଙ୍ଗୀ, ଆଙ୍କୁଲି, ଖାରିଆଗୁଡ଼ା ଓ ସୁବର୍ଣ୍ଣପୁର ପ୍ରମୁଖ ଗ୍ରାମର ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଆଖୁପେଡା

**ଢେଙ୍କାନାଳ**ସ୍ଥିତ ଭାରତୀୟ ପୋଟସ ଲିମିଟେଡ଼ ଚଳିତ ଆର୍ଥିକବର୍ଷ ପାଇଁ ଆଖୁପେଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି । ହୋଇଛି । ଜିଲ୍ଲାପାଳ Somesh Kumar Uppadhayଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଚଳିତବର୍ଷ ଜିଲ୍ଲାରେ୯ ହଜାର ୫୦୦ ଏକର ଜମିରେ ଆଖୁ ଚାଷ ହୋଇଛି । ୩ଲକ୍ଷ ଟନ୍ ଆଖୁ ପେଡା ହେବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

## ଛାତ୍ରଛାତ୍ରୀ ଅସୁସ୍ଥ

**ବଲାଙ୍ଗିର** ଜିଲ୍ଲା ମୁରିବାହାଲ ବ୍ଲକ ଡେଙ୍ଗପଦର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣାରେ ଟିଟିଲାଗଡ଼ ଉପଜିଲ୍ଲାପାଳ ଓ ମୁରିବାହାଲ ତହସିଲଦାର ଡାକ୍ତରଖାନାରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ବ୍ୟବସ୍ଥା ସ୍ଥିର ରହିଛି।

**କନ୍ଧମାଳ** ଜିଲ୍ଲା ଦାରିଙ୍ଗ୍‌ବାଡି ବ୍ଲକ୍ ସିମନ୍‌ବାଡି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗତକାଲି ମଧ୍ୟାହ୍ନ ଭୋଜନ ଖାଇ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣ ବର୍ତ୍ତମାନସୁଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଦାରିଙ୍ଗ୍‌ବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଡାକ୍ତରୀ ଦଳ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରୁଛନ୍ତି। ସୂଚନାଯୋଗ୍ୟ, ଗତକାଲି ମଧ୍ୟାହ୍ନ ଭୋଜନ ଖାଇବା ପରେ ଛାତ୍ରଛାତ୍ରୀଙ୍କର ପ୍ରଥମେ ପେଟ କାଟିବା ସହ ବାନ୍ତି ହୋଇଥିଲା।

******************************